# NATIONAL NEWS BULLETIN (ODIA)

**15 May - 2025**

**Morning Bulletin : 7.15 A.M.**

***********************************************

## ମୁଖ୍ୟ ସମ୍ବାଦ

- ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା ଲାଗି ସରକାର ସଂପୂର୍ଣ୍ଣ ପ୍ରତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ
- ଅପରେସନ ସିନ୍ଦୂର ନେଇ କଂଗ୍ରେସର ମନ୍ତବ୍ୟକୁ କଡ଼ା ସମାଲୋଚନା କଲା ବିଜେପି
- ରୁଷ-ୟୁକ୍ରେନ୍ ଶାନ୍ତି ଆଲୋଚନାରେ ସାମିଲ ହେବେ ନାହିଁ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ
- ଅପରେସନ ସିନ୍ଦୂର ପରେ ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଆରମ୍ଭ ହେଲା ବିଶେଷ ଫିଚର କାର୍ଯ୍ୟକ୍ରମ

ଏବଂ

- ଥାଇଲ୍ୟାଣ୍ଡ ବ୍ୟାଡମିଣ୍ଟନ ଓପନ୍‌ରେ ପ୍ରି କ୍ୱାର୍ଟର ଫାଇନାଲ୍‌ରେ ଆଜି ମୁକାବିଲା କରୁଛନ୍ତି ଭାରତୀୟ ଖେଳାଳି ।

## ପିଏମ୍-ନକ୍ସଲାଜିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସୁରକ୍ଷା ବଳର ସଫଳତା ଦର୍ଶାଉଛି ଯେ ନକ୍ସଲବାଦର ମୂଳୋତ୍ପାଟନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଠିକ୍ ଦିଗରେ ଗତି କରୁଛି । ସାମାଜିକ ଗଣମାଧ୍ୟମରେ ଅମିତ ଶାହାଙ୍କ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା ଲାଗି ସରକାର ସଂପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି ଏବଂ ସେହିସବୁ ଅଞ୍ଚଳ ଗୁଡ଼ିକୁ ବିକାଶର ମୁଖ୍ୟଧାରା ସହିତ ଯୋଡ଼ିବା ଲାଗି ସରକାର ଉଦ୍ୟମ କରୁଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନକ୍ସଲମୁକ୍ତ ଭାରତର ସଂକଳ୍ପକୁ ଐତିହାସିକ ସଫଳତା ମିଳିଥିବା କହିଛନ୍ତି । ଛତିଶଗଡ଼-ତେଲଙ୍ଗାନା ସୀମାରେ କୁରୁଗୁଟାଲୁ ପାହାଡ଼ରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ୩୧ ଜଣ ମାଓବାଦୀଙ୍କୁ ନିପାତ କରିବା ବିଷୟ ଉପସ୍ଥାପନ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଯେଉଁ ପାହାଡ଼ ଉପରେ ଆତଙ୍କୀମାନେ ପ୍ରଭାବ ବିସ୍ତାର କରିଥିଲେ, ଆଜି ସେଠାରେ ତ୍ରିରଙ୍ଗା ଉଡୁଛି । ସଂପୃକ୍ତ ପାହାଡ଼ରେ ବୃହତ ନକ୍ସଲ ସଂସ୍ଥାଗୁଡ଼ିକର ମୁଖ୍ୟାଳୟ ଥିଲା, ଯେଉଁଠାରେ ନକ୍ସଲମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଅସ୍ତ୍ରଶସ୍ତ୍ର ତିଆରି କରାଯାଉଥିଲା ।

ଶ୍ରୀ ଶାହା କହିଛନ୍ତି, ସଶସ୍ତ୍ରବଳ ମାତ୍ର ୨୧ ଦିନରେ ନକ୍ସଲ ବିରୋଧୀ ଅଭିଯାନ ଶେଷ କରିଛନ୍ତି ଏବଂ ଏଥିରେ କୌଣସି ସୁରକ୍ଷା କର୍ମୀ ପ୍ରଭାବିତ ହୋଇ ନାହାନ୍ତି । ଖରାପ ପାଣିପାଗ ପରିସ୍ଥିତି ଏବଂ ଦୁର୍ଗମ ପାହାଡ଼ ଅଞ୍ଚଳରେ

ସାହସ ଓ ଶକ୍ତିର ସହ ନକ୍ସଲମାନଙ୍କ ମୁକାବିଲା କରିବା କ୍ଷେତ୍ରରେ ସିଆରପିଏଫ୍, ଏସ୍‌ଟିଏଫ୍ ଏବଂ ଡିଆରଜିର ଭୂମିକାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ପ୍ରଶଂସା କରିଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ଲାଗି ଯେଉଁ ସଂକଳ୍ପ ଗ୍ରହଣ କରାଯାଇଛି, ତାହା ନିଶ୍ଚିତ ଭାବେ ସଫଳ ହେବ ।

# ବିଜେପି-କଂଗ୍ରେସ ଅପୋଜିସନ୍ ସିନ୍ଦୂର

ଅପରେସନ ସିନ୍ଦୂର ନେଇ କଂଗ୍ରେସ ପ୍ରଶ୍ନ କରିଥିବାରୁ ବିଜେପି ଏହାର କଡ଼ା ସମାଲୋଚନା କରିଛି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଅପରେସନ ସିନ୍ଦୂରରେ ସଶସ୍ତ୍ର ବାହିନୀ ନିଜର ଅଦମ୍ୟ ସାହସ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି । ଏବେ ମଧ୍ୟ ଅପରେସନ ସିନ୍ଦୂର ଜାରି ରହିଛି । ତେବେ ଏ ନେଇ ବିରୋଧୀମାନଙ୍କ ମନୋଭାବକୁ ସେ ସମାଲୋଚନା କରିଛନ୍ତି । ଶ୍ରୀ ତ୍ରିବେଦୀ କହିଛନ୍ତି, ପ୍ରତିବଦ୍ଧତା କାର୍ଯ୍ୟରେ ଦେଖାଯାଇଥାଏ, କଥାରେ ନୁହେଁ । ସେ କହିଛନ୍ତି ଯେଉଁ ସମୟରେ ସାରା ଦେଶ ଏକ୍ ହୋଇଛି, ସେଭଳି ସମୟରେ କଂଗ୍ରେସର ମନ୍ତବ୍ୟ ଦାୟିତ୍ୱହୀନ ଭଳି ଜଣାପଡୁଛି ।

# କ୍ୟାବିନେଟ୍ ବ୍ରିଫିଂ

ଉତ୍ତରପ୍ରଦେଶର ଜେୱାର ବିମାନ ବନ୍ଦର ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏକ ସେମିକଣ୍ଡକ୍ଟର ୟୁନିଟ୍ ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି। ଗଣମାଧମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ

ବୈଷ୍ଣବ କହିଛନ୍ତି, ଏଚ୍.ସି.ଏଲ୍. ଏବଂ ଫକ୍ସକନ୍ କମ୍ପାନୀର ମିଳିତ ଉଦ୍ୟମରେ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଏହି ୟୁନିଟ୍ ପ୍ରତିଷ୍ଠା କରାଯିବ। ସେ କହିଛନ୍ତି, ଏହି ପ୍ଲାଣ୍ଟ ପ୍ରତି ମାସରେ ୨୦ ହଜାର ୱେଫର୍ର ପାଇଁ ଡିଜାଇନ୍ କରାଯାଇଥିବା ବେଳେ ଡିଜାଇନ୍ ଆଉଟ୍ପୁଟ୍ କ୍ଷମତା ପ୍ରତିମାସରେ ୩୬ ନିୟୁତ ୟୁନିଟ୍ ରହିବ। ଏହି ପ୍ରକଳ୍ପରେ ୩ ହଜାର ୭୦୦ କୋଟି ଟଙ୍କାର ନିବେଶ କରାଯିବ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

**V/O**

## ରୁଷ୍-ୟୁକ୍ରେନ୍ ଟକ୍

ରୁଷ ଏବଂ ୟୁକ୍ରେନ ମଧ୍ୟରେ ହେବାକୁ ଥିବା ଶାନ୍ତି ଆଲୋଚନାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ ଅଂଶ ଗ୍ରହଣ କରିବେ ନାହିଁ। ତୁର୍କୀର ଇସ୍ତାମାବୁଲ୍ ଠାରେ ଆଜିଠାରୁ ଏହି ଶାନ୍ତି କଥାବାର୍ତ୍ତା ଆରମ୍ଭ ହେବ । ଏକ ସୂଚନାରେ ରୁଷ୍ କହିଛି, ରାଷ୍ଟ୍ରପତି ପୁଟିନଙ୍କ ସହଯୋଗୀ ଭ୍ଲାଦିମୀର ମେଦିନସ୍କି ରୁଷ୍ ପ୍ରତିନିଧି ମଣ୍ଡଳିର ନେତୃତ୍ୱ ନେବେ । ଏହି ପ୍ରତିନିଧି ମଣ୍ଡଳୀରେ ରୁଷ୍ର ଉପବୈଦେଶିକ ମନ୍ତ୍ରୀ ମିଖାଇଲ୍ ଗେଲୁଜିନ୍, ଜେନେରାଲ୍ ସଟାଫ ଡିରେକ୍ଟର, ଇଗୋର୍ କୋସ୍ତିୟୁକୋଭ୍ ଏବଂ ଉପପ୍ରତିରକ୍ଷାମନ୍ତ୍ରୀ ଆଲେକ୍ଜାଣ୍ଡାର ଫୋମିଙ୍ଗ୍ ଅଛନ୍ତି ।

## ସ୍ପେଶାଲ୍ ଫିଚର, ପରମବୀର ଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ

କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀର ଚକ୍ର ବିଜେତା  କ୍ୟାପ୍ଟେନ୍ ବିକ୍ରମ ବାତ୍ରାଙ୍କ ବିଷୟରେ ଆସନ୍ତୁ ଜାଣିବା । କ୍ୟାପଟେନ୍ ବାତ୍ରା କାର୍ଗିଲ ଯୁଦ୍ଧ ସମୟରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ ।

ହିମାଚଳ ପ୍ରଦେଶ ପାଲମପୁରର ଅଧିବାସୀ କ୍ୟାପ୍ଟେନ  ବାତ୍ରା ପ୍ରଥମେ ଭାରତୀୟ ମିଲିଟାରୀ ଏକାଡେମୀରେ ଯୋଗଦେବା ପରେ ତ୍ରୟୋଦଶ ଜମ୍ମୁ-କାଶ୍ମୀର ରାଇଫଲ୍ସରେ କାର୍ଯ୍ୟ କରିଥିଲେ । କାର୍ଗିଲ୍ ଯୁଦ୍ଧ ସମୟରେ କ୍ୟାପ୍ଟେନ୍ ବାତ୍ରାଙ୍କ ୟୁନିଟ୍‌କୁ ଦ୍ରାସ୍ ଅଞ୍ଚଳରେ ୪ ହଜାର ୮୭୫ ନମ୍ବର ପଏଣ୍ଟକୁ ଅକ୍ତିଆର କରିବା ଲାଗି ଦାୟିତ୍ୱ ଦିଆଯାଇଥିଲା । ୧୯୯୯ ମସିହା ଜୁଲାଇ ୭ ତାରିଖରେ ଅତ୍ୟନ୍ତ ଖରାପ ପାଣିପାଗ ମଧ୍ୟରେ କ୍ୟାପଟେନ୍ ବାତ୍ରା ସେହି ଦିଗକୁ ଅଗ୍ରସର ହୋଇଥିଲେ । ସେ ଆଘାତପ୍ରାପ୍ତ ହୋଇଥିଲେ ମଧ୍ୟ ଶତ୍ରୁପକ୍ଷ ଉପରେ ଗ୍ରେନେଡ୍ ଆକ୍ରମଣ କରିବା ସହ ସେହି ସ୍ଥାନକୁ ଖାଲି କରାଇବାରେ ସକ୍ଷମ ହୋଇଥିଲେ ।

ନିଜ ଜୀବନକୁ ଭୃକ୍ଷେପ ନ କରି ଶତ୍ରୁପକ୍ଷର ପ୍ରବଳ ଗୁଳିବର୍ଷା ମଧ୍ୟରେ କ୍ୟାପଟେନ୍ ବାତ୍ରା ପଏଣ୍ଟ ନମ୍ବର ୪୮୭୫ ହାସଲ କରିଥିଲେ । ସେହିସମୟରେ ଏକ ରେଡିଓ ବାର୍ତ୍ତାରେ କ୍ୟାପଟେନ୍ ବାତ୍ରା କହିଥିଲେ ‘ୟେ ଦିଲ୍ ମାଙ୍ଗେ ମୋର’ । ଆଜି ବି ସେହି ବାର୍ତ୍ତା ଭାରତୀୟ ବୀର ଯବାନମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଭାରତୀୟ ସାମରିକ ଇତିହାସରେ କ୍ୟାପଟେନ୍ ବିକ୍ରମ

ବାତ୍ରାଙ୍କ ସାହସିକ ପଦକ୍ଷେପ ଆଜି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । କ୍ୟାପଟେନ୍ ବାତ୍ରାଙ୍କୁ ମରଣୋତ୍ତର ଭାବେ ଦେଶର ସର୍ବୋଚ୍ଚ ସାମରିକ ସମ୍ମାନ 'ପରମବୀର ଚକ୍ର' ପ୍ରଦାନ କରାଯାଇଥିଲା ।

## ବିହାର-ବିଏସଏଫ୍ ଯବାନ

ବିହାରର ସିୱାନ୍ ଜିଲ୍ଲା ଅନ୍ତର୍ଗତ ବାଶିଲପୁରଠାରେ ସୀମା ସୁରକ୍ଷା ବଳ ଯବାନ ରାମବାବୁ ସିଂଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂପନ୍ନ ହୋଇଛି। ଜାମ୍ମୁ କାଶ୍ମୀରରେ ପାକିସ୍ତାନ ପକ୍ଷରୁ ହୋଇଥିବା ଆକ୍ରମଣରେ ରାମବାବୁ ସିଂ ପ୍ରାଣ ହରାଇଥିଲେ । ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ନିମନ୍ତେ ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ ।

## ଟ୍ରମ୍ପ-କତାର

ପଶ୍ଚିମ ଏସିଆ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାରେ ଗତକାଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କତାର ସହିତ ୧୨ ହଜାର ଲକ୍ଷ କୋଟି ଡଲାରର ଆର୍ଥିକ ବ୍ୟାପାର ସମ୍ବନ୍ଧୀୟ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଶ୍ରୀ ଟ୍ରମ୍ପ ଆମେରିକା ଏବଂ କତାର ମଧ୍ୟରେ ୨୪୩ ଦଶମିକ ୫ ନିୟୁତ ଡଲାରରୁ ଅଧିକ ମୂଲ୍ୟର ବୋଇଂ ବିମାନ ଏବଂ ଏରୋସ୍ପେସ୍ ଇଞ୍ଜିନ୍ ବିକ୍ରୟ ଲାଗି ଚୁକ୍ତି ହୋଇଛି ।

ଚୁକ୍ତି ଅନୁଯାୟୀ କତାର ପକ୍ଷରୁ ୨୦୦ ନିୟୁତ ଡଲାର ମୂଲ୍ୟର ୧୬୦ଟି ବୋଇଂ ଜେଟ୍ ବିମାନ କ୍ରୟ କରାଯିବ। ଗତକାଲି ଦୋହାରେ ଶ୍ରୀ ଟ୍ରମ୍ପ ଏବଂ

କତାରର ଅମୀର ଶେଖ୍ ତମିମ୍  ବିନ୍ ହମାଦ୍ ଅଲ୍ ଥାନୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଚୁଡ଼ାନ୍ତ ହୋଇଛି । ଏହି ଚୁକ୍ତି ଫଳରେ ଆମେରିକାରେ ପ୍ରାୟ ୧ ଲକ୍ଷ ୫୪ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ବିଶେଷକରି ଏହି ନିଯୁକ୍ତି ବିମାନ ଉତ୍ପାଦନ କ୍ଷେତ୍ରରେ ହେବ ।

ଅନ୍ୟପକ୍ଷରେ ଉଭୟ ଦେଶ ମଧ୍ୟରେ ଶକ୍ତି, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ମଧ କେତେକ ଚୁକ୍ତି ହୋଇଥିବା ସୂଚନା ମିଳିଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ କତାର ଗସ୍ତ ପୂର୍ବରୁ ସାଉଦିଆରବ ଗସ୍ତ ସମୟରେ ୬ଶହ ନିୟୁତ ଡଲାର ପୁଞ୍ଜି ନିବେଶ ନେଇ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି । ଆଜି ଶ୍ରୀ ଟ୍ରମ୍ପ କତାରରୁ ୟୁନାଇଟେଡ୍ ଆରବ ଏମିରେଟ୍ସ ଗସ୍ତ କରିବେ ।

## ବ୍ୟାଡମିଣ୍ଟନ-ଥାଇଲ୍ୟାଣ୍ଡ ଓପନ୍

ଥାଇଲ୍ୟାଣ୍ଡ ବ୍ୟାଡମିଣ୍ଟନ ଓପନ୍‌ରେ ଆଜି ସକାଳେ ଭାରତୀୟ ଖେଳାଳିମାନେ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଅବତୀର୍ଣ୍ଣ ହୋଇଛନ୍ତି । ପୁରୁଷ ସିଙ୍ଗିଲ୍‌ସରେ ଥରୁଣ ମାନେପଲୀ ଡେନ୍‌ମାର୍କର ଆଣ୍ଡର୍ସ ଆଣ୍ଟୋନସେନଙ୍କ ସହ ମୁକାବିଲା କରିବେ । ମହିଳା ସିଙ୍ଗିଲ୍‌ସରେ ମାଳବିକା ବନ୍‌ଶୋଦ୍ ଥାଇଲ୍ୟାଣ୍ଡର ରଚାନୁକ ଇଣ୍ଟାନୋନ୍‌ଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଅନ୍ୟତମ ଭାରତୀୟ ଖେଳାଳି ଉନ୍ନତି ହୁଦା ଥାଇଲ୍ୟାଣ୍ଡର ପର୍ନ ପି. ଚୋଚୁଅଙ୍ଗ ଏବଂ ଆକର୍ଷି କାଶ୍ୟପ ସେହି ଦେଶର ସୁପନିଡ଼ା କାଟେଥନ୍‌ଙ୍କ ବିରୋଧରେ ଅବତୀର୍ଣ୍ଣ ହେବେ ।

ମହିଳା ଡବଲ୍‌ସରେ ଭାରତର ତ୍ରିଶା ଜଲୀ ଏବଂ ଗାୟତ୍ରୀ ଗୋପିଚାନ୍ଦ ଜାପାନର ସାୟକା ହୋବାରା ଏବଂ ରୁଇ ହିରୋକାମୀଙ୍କ ବିପକ୍ଷରେ ମୁକାବିଲା କରିବେ । ଏହି ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ମାଲେସିଆ ଯୋଡ଼ିଙ୍କୁ ୨୧-୧୫, ୨୧-୧୩ରେ ପରାସ୍ତ କରିଥିଲେ ।